SET : D

ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦରେ ସଂଯୁକ୍ତ ବୃତ୍ତଟିକୁ ନୀଳ/କଳା ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ ଭାବେ କଳା/ନୀଳ କର ।

Each question has **four** possible answers. Choose the correct answer from among them and darken the appropriate circle completely in the OMR sheet with **Blue/Black** ball point pen.

## ଶିଶୁ ବିକାଶ ଓ ଶିକ୍ଷା ବିଜ୍ଞାନ

## CHILD DEVELOPMENT & PEDAGOGY

**1.** କେଉଁଟି ପର୍ଯ୍ୟବେକ୍ଷଣର ଏକ ସାଧନୀ ନୁହେଁ ?

(A) କୃତିପରୀକ୍ଷଣ

(B) ନିର୍ଦ୍ଧାରଣ ମାପନୀ

(C) ତନଖି ତାଲିକା

(D) ବ୍ୟକ୍ତିତ୍ୱ ବିବରଣ ନଥି

**2.** ଏକ ପରୀକ୍ଷଣକୁ ବାରମ୍ବାର ପରୀକ୍ଷା କରାଗଲେ ଯଦି ସମାନ ଲବ୍ଧାଙ୍କ ଦିଏ, ତାହାହେଲେ ପରୀକ୍ଷଣଟିର କ'ଣ ଅଛି କୁହାଯାଏ ?

(A) ବୈଧତା (B) ବ୍ୟାବହାରିକତା

(C) ବିଶ୍ୱସନୀୟତା (D) ଅନୁମାନକତା

**3.** କୃତିପରୀକ୍ଷଣରେ କେଉଁ ପ୍ରକାରର ବୈଧତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ?

(A) ଗଠନ ବୈଧତା

(B) ବିଷୟବସ୍ତୁ ବୈଧତା

(C) ପୂର୍ବାନୁମିତ ବୈଧତା

(D) ସମବର୍ତ୍ତୀ ବୈଧତା

**4.** ନିମ୍ନଲିଖିତ ଲବ୍ଧାଙ୍କ ଗୁଡ଼ିକର ମଧ୍ୟମା କେତେ ?

3, 5, 4, 9, 8

(A) 4 (B) 3

(C) 5 (D) 8

**1.** Which is not a tool of observation ?

(A) Achievement test

(B) Rating scale

(C) Check-list

(D) Anecdotal record

**2.** If a test gives the same results whenever it is repeated, it is called as

(A) Validity

(B) Usability

(C) Reliability

(D) Predictability

**3.** Which type of validity is important in case of achievement testing ?

(A) Construct validity

(B) Content validity

(C) Predictive validity

(D) Concurrent validity

**4.** What is the median of the following scores ?

3, 5, 4, 9, 8

(A) 4 (B) 3

(C) 5 (D) 8

5. ବଂଶାନୁଗୁଣ କହିଲେ କ'ଣ ବୁଝ ?

(A) ଜନ୍ମ ସମୟରେ ପିଲା ପାଖରେ ଥିବା ଗୁଣାବଳୀ

(B) ଜୀବନସାରା ପିଲାଟି ଗ୍ରହଣ କରିଥିବା ଗୁଣାବଳୀ

(C) ପରିବେଶରୁ ମିଳିଥିବା ଗୁଣାବଳୀ

(D) ଶିକ୍ଷଣରୁ ମିଳିଥିବା ଗୁଣାବଳୀ

6. ନିମ୍ନୋକ୍ତ କେଉଁଟି ମନୁଷ୍ୟର ବିକାଶକୁ ପ୍ରଭାବିତ କରୁଥିବା ପରିବେଶ ଅନ୍ତର୍ଗତ ଏକ କାରକ ନୁହେଁ ?

(A) ଆର୍ଥନୈତିକ

(B) ରାଜନୈତିକ

(C) ନୈତିକ

(D) ବଂଶଗତ

7. ପ୍ରାକ୍ କୈଶୋରାବସ୍ଥାରେ ଆନୁମାନିକ ବୟସର ପରିସର କେତେ ?

(A) ୧୦ ରୁ ୧୩ ବର୍ଷ ପର୍ଯ୍ୟନ୍ତ

(B) ୧୩ ରୁ ୧୫ ବର୍ଷ ପର୍ଯ୍ୟନ୍ତ

(C) ୧୫ ରୁ ୨୦ ବର୍ଷ ପର୍ଯ୍ୟନ୍ତ

(D) ୨୦ ବର୍ଷରୁ ଊର୍ଦ୍ଧ୍ୱ

5. What do you mean by heredity ?

(A) Traits which are present at the time of birth.

(B) Traits which a child acquire in life time.

(C) Traits that achieved from the environment.

(D) Traits acquired through the learning.

6. Which of the following is not a part of the environment which affects human development ?

(A) Economic

(B) Political

(C) Moral

(D) Genetics

7. What is the approximate age range for early adolescence ?

(A) From 10 to 13 years

(B) From 13 to 15 years

(C) From 15 to 20 years

(D) From 20 years and above

8. ଜନ୍ମର ପରବର୍ତ୍ତୀ ଅବସ୍ଥାରେ ସ୍ନାୟବିକ ବିକାଶରେ ସ୍ନାୟୁକୋଷରେ କ'ଣ ଘଟିଥାଏ ?

(A) ଜନ୍ମପରେ ନୂତନ କୋଷର ଗଠନ ।

(B) ଜନ୍ମ ସମୟରେ ଅପରିପକ୍ୱ କୋଷର ବିକାଶ ଘଟିଥାଏ ।

(C) ଜନ୍ମରୁ ୩ ବର୍ଷ ପର୍ଯ୍ୟନ୍ତ ନୂତନ କୋଷ ସୃଷ୍ଟି ହୁଏ ।

(D) ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ନୂତନ କୋଷ ସୃଷ୍ଟି ହୁଏ ।

9. ଗ୍ୟାସେଲ୍‌ଙ୍କ ମତାନୁସାରେ ନିମ୍ନୋକ୍ତ କେଉଁଟି ଶୈଶବାବସ୍ଥାରେ ଏକ ଆଚରଣ ନୁହେଁ ?

(A) ଅଙ୍ଗଭଙ୍ଗୀ

(B) ଭାଷା

(C) ଉପଯୋଜନ

(D) ସର୍ବବ୍ୟାପି

10. ବିକାଶର କେଉଁ ଅବସ୍ଥାରେ "ଜୀବନର ତରଙ୍ଗ" ଏହାର ଶିଖରରେ ପହଞ୍ଚିଥାଏ ?

(A) ଶୈଶବ

(B) ପରବର୍ତ୍ତୀ ଶୈଶବ

(C) କୈଶୋର

(D) ଯୁବକ

11. ଜୀବନର ଆଦ୍ୟ ପର୍ଯ୍ୟାୟର ଆବେଗିକ ଉପାଦନକୁ କ'ଣ କୁହାଯାଏ ?

(A) ଉତ୍ତେଜନା

(B) ମାନସିକ ଚାପ

(C) ଉତ୍କଣ୍ଠା

(D) ଭୟ

8. During post-natal period what happens to the development of nervous system ?

(A) Formation of new cells after birth.

(B) Development of immature cells at birth.

(C) Formation of new cells upto 3 years after birth.

(D) Formation of new cells upto 6 years after birth.

9. According to Gasell which of the following is not a type of behaviour during infancy stage ?

(A) Motor

(B) Language

(C) Adaptive

(D) Universal

10. In which of the following period of development "surge of life" reaches its highest peak ?

(A) Infancy

(B) Childhood

(C) Adolescence

(D) Adulthood

11. The emotional content of the initial phase of life is known as ________.

(A) Excitement

(B) Stress

(C) Anxiety

(D) Fear

12. ହରଲକ୍‌ଙ୍କ ମତାନୁସାରେ ନିମ୍ନୋକ୍ତ କେଉଁଟି ସାମାଜିକ ବିକାଶକୁ ବୁଝାଏ ?

(A) ସାଙ୍ଗସାଥୀମାନଙ୍କ ସହ ଭାବ ବିନିମୟ ଦ୍ୱାରା ପରିପକ୍ୱତା ।

(B) ସାମାଜିକ ସମ୍ପର୍କ ଦ୍ୱାରା ପରିପକ୍ୱତା ହାସଲ ।

(C) କେବଳ ମାତ୍ର ପରିବାର ମଧ୍ୟରେ ପରିପକ୍ୱତା ହାସଲ ।

(D) କେବଳ ମାତ୍ର ପଡ଼ୋଶୀମାନଙ୍କ ମଧ୍ୟରେ ପରିପକ୍ୱତା ହାସଲ ।

13. ୭ ରୁ ୧୨ ବର୍ଷ ବା ଯୌବନାରମ୍ଭ ପର୍ଯ୍ୟନ୍ତ ବିକାଶର ପର୍ଯ୍ୟାୟକୁ କ'ଣ କୁହାଯାଏ ?

(A) ଶୈଶବାବସ୍ଥା

(B) ପ୍ରାକ୍ ଶୈଶବ

(C) ପରବର୍ତ୍ତୀ ଶୈଶବ ଅବସ୍ଥା

(D) କୈଶୋରାବସ୍ଥା

14. ନିମ୍ନୋକ୍ତ କେଉଁଟି ଏକ ମୌଳିକ ରାସାୟନିକ ପଦାର୍ଥ ଯାହା ବଂଶାନୁକ୍ରମିକ ଗୁଣକୁ ପୂର୍ବଜମାନଙ୍କ ଠାରୁ ଆଣିବାରେ ସାହାଯ୍ୟ କରେ ?

(A) ଡି.ଏନ୍.ଏ.

(B) ଆର୍.ଏନ୍.ଏ.

(C) ଗୁଣସୂତ୍ର

(D) ଜିନ୍

15. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷଣର ଏକ ଅର୍ଥ ଗଠନ ପ୍ରକ୍ରିୟା ସମ୍ପର୍କିତ ନୁହେଁ ?

(A) ଶିକ୍ଷଣ ଏକ ସକ୍ରିୟାତ୍ମକ ପ୍ରକ୍ରିୟା

(B) ଶିକ୍ଷଣରେ ଭାଷା ଅନ୍ତର୍ଭୁକ୍ତ

(C) ଶିକ୍ଷଣ ଏକ ପୂର୍ବାପର ପ୍ରସଙ୍ଗ ସମ୍ବନ୍ଧୀୟ ପ୍ରକ୍ରିୟା

(D) ଶିକ୍ଷଣ ଏକ ତାତ୍କ୍ଷଣିକ ପ୍ରକ୍ରିୟା

12. According to Hurlock which of the following is the meaning of social development ?

(A) Attaining maturity by interacting with peers.

(B) Attaining maturity in social relationship.

(C) Attaining maturity only in the family.

(D) Attaining maturity only in the neighbourhood.

13. What is the name of the stages of development from seven to twelve years or upto the onset of puberty ?

(A) Infancy

(B) Pre-childhood

(C) Later childhood

(D) Adolescence

14. Which of the following is a basic chemical primarily responsible for genetic inheritance ?

(A) DNA

(B) RNA

(C) Chromosome

(D) Genes

15. Which of the following is not related to the process of learning as meaning making ?

(A) Learning is an active process.

(B) Learning involves language.

(C) Learning is contextual.

(D) Learning is instantaneous.

16. ଯେଉଁ ପ୍ରକ୍ରିୟାରେ ନୂତନ ତଥ୍ୟ ଆହରଣ କରାଯାଇଥାଏ, ଯାହା ବୌଦ୍ଧିକ ଗଠନର ଏକ ଅଂଶ ବିଶେଷ ତାହାକୁ କ'ଣ କୁହାଯାଏ ?

(A) ସବ୍‌ସମ୍ପସନ (B) କନ୍‌ଜପ୍‌ସନ

(C) ଆଜମସନ (D) ପ୍ରିଜମ୍‌ସନ

17. ନିମ୍ନୋକ୍ତ ମଧ୍ୟରୁ କେଉଁଟି ପ୍ରଯତ୍ନ-ପ୍ରମାଦ ଶିକ୍ଷଣ ତତ୍ତ୍ୱ ସମ୍ପର୍କରେ ଠିକ୍ ନୁହେଁ ?

(A) ଶିକ୍ଷଣ ଏକ ବର୍ଦ୍ଧକ ପ୍ରକ୍ରିୟା

(B) ସଂଯୋଗ ସ୍ଥାପନ ଦ୍ୱାରା ଶିକ୍ଷଣ ସମ୍ଭବ ହୋଇଥାଏ

(C) ବିଚାର ଶିକ୍ଷଣରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରି ଥାଏ

(D) ଶିକ୍ଷଣ ଏକ ଅନ୍ତର୍ଦୃଷ୍ଟି ପ୍ରକ୍ରିୟା ନୁହେଁ

18. ବାନ୍ଦୁରାଙ୍କ ପର୍ଯ୍ୟବେକ୍ଷଣ ଆଧାରିତ ଶିକ୍ଷଣରେ ନିର୍ଦ୍ଧାରିତ ଚାରୋଟି ଅନ୍ତଃ ସମ୍ପର୍କିତ ସୋପାନକୁ କ୍ରମ ଅନୁସାରେ ସଜାଅ :

i. ପରିଣାମ ii. ଆହରଣ

iii. କାର୍ଯ୍ୟ ସମ୍ପାଦନ iv. ସ୍ମରଣ

(A) i, ii, iii ଓ iv

(B) iii, ii, i ଓ iv

(C) ii, iv, iii ଓ i

(D) iv, iii, i ଓ ii

19. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଆଡ୍‌ଭାନ୍‌ସ ଅରଗାନାଇଜର ସମ୍ପର୍କିତ ନୁହେଁ ?

(A) ଆଡ୍‌ଭାନ୍‌ସ ଅରଗାନାଇଜର ଏକ ସ୍ୱତନ୍ତ୍ର ଉପକ୍ରମଣିକା ଉକ୍ତି ।

(B) ଏହା ଏକ ପ୍ରକାର ଧାରଣା ସବୁର ସେତୁ ଭଳି କାମ କରେ ।

(C) ଏହା ଆଚରଣଗତ ପ୍ରତିରୂପାୟଣକୁ ଉତ୍ସାହିତ କରେ

(D) ଏହା ଅର୍ଥପୂର୍ଣ୍ଣ/ଅର୍ଥବୋଧକ ଶିକ୍ଷଣକୁ ସୁଗମ କରିଥାଏ ।

16. The process of assimilating new information as part of the existing cognitive structure is known as

(A) Subsumption

(B) Consumption

(C) Assumption

(D) Presumption

17. Which of the following is not true about Trial and Error Theory of Learning ?

(A) Learning is incremental.

(B) Learning is the result of the formation of connections.

(C) Learning is mediated by ideas.

(D) Learning is not insightful.

18. Arrange the following four inter-related steps in the right order as identified by Bandura in Observational learning :

i. Consequences ii. Acquisition

iii. Performance iv. Retention

(A) i, ii, iii & iv

(B) iii, ii, i & iv

(C) ii, iv, iii & i

(D) iv, iii, i & ii

19. Which of the following is not related to Advance organisers ?

(A) Advance organisers are special introductory statements.

(B) It acts as a conceptual bridge.

(C) It encourages behavioural modelling.

(D) It facilitates meaningful learning.

20. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସୃଜନଶୀଳ ଶିକ୍ଷାର୍ଥୀଙ୍କର ଲକ୍ଷଣ ନୁହେଁ ?

(A) ସାହସୀ

(B) କୌତୁହଳୀ

(C) ସର୍ବୋତ୍କୃଷ୍ଟ ସମ୍ଭାବ୍ୟ ଉତ୍ତର ନିମିତ୍ତ ଚିନ୍ତା କରିବା

(D) ଦୂରଦୃଷ୍ଟିସମ୍ପନ୍ନ

21. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷଣ ବାଧିତ ଶିକ୍ଷାର୍ଥୀଙ୍କର ଏକ ଆଚରଣଗତ ସୂଚାଙ୍କ ନୁହେଁ ?

(A) ସ୍ପଷ୍ଟଭାବେ ଚିନ୍ତା କରି ପାରିବା

(B) ଶୀଘ୍ର କ୍ଲାନ୍ତି ଅନୁଭବ କରିବା

(C) ପଢ଼ିବା ବେଳେ କିଛି ଧାଡ଼ି ଡେଇଁଯିବା

(D) କଥାରେ ଓ କାର୍ଯ୍ୟରେ ଉତ୍ତେଜିତ ଆଚରଣ ପ୍ରଦର୍ଶନ କରିବା

22. ଶିକ୍ଷଣ ଏକ ସାମାଜିକ କ୍ରିୟା ଭାବେ ବିଶ୍ୱାସ କରେ ଯେ :

(A) ସମସ୍ୟା ସମାଧାନ ନିମିତ୍ତ କଥନକୁ ବ୍ୟବହାର କରିପାରିବା

(B) ସଂସ୍କୃତି ଶିଶୁର ବିକାଶ ନିମିତ୍ତ ବୌଦ୍ଧିକ ସାଧନ ରୂପେ କାର୍ଯ୍ୟ କରିଥାଏ

(C) ସାମାଜିକ ପାରସ୍ପରିକ କ୍ରିୟା ଦ୍ୱାରା ମାନସିକ ବିକାଶ ସମ୍ଭବ ହୋଇଥାଏ

(D) ବ୍ୟକ୍ତି ହିଁ ଧାରଣାର ଉତ୍ସ

20. Which of the following is not a characteristic of creative learners ?

(A) Courageous

(B) Curious

(C) Thinking for the best possible answer

(D) Visionary

21. Which of the following is not a behavioural index of the children with learning difficulties ?

(A) Clarity in thinking

(B) Easy onset of fatigue

(C) Skips lines while reading

(D) Impulsive behaviour in talk and action

22. Learning as social activity believes that :

(A) Speech can be used to solve problems.

(B) The culture gives the child the cognitive tools needed for development.

(C) Mental development is possible through social interactions.

(D) Ideas came only from an individual.

23. ସ୍ପଷ୍ଟ କଥନରେ ଅସୁବିଧା ଦେଖା ଯାଉଥିବା ଶିଶୁମାନଙ୍କୁ କ'ଣ କୁହାଯାଏ ?

(A) ଡିସ୍‌ଲେକସିଆ (B) ଡିସ୍‌ଗ୍ରାଫିଆ

(C) ଡିସଫାସିଆ (D) ଆପ୍ରାକ୍‌ସିଆ

24. ବିଦ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ମାଧ୍ୟମରେ ପିଲାମାନେ ଆହରଣ କରୁଥିବା ସାମଗ୍ରିକ ଅନୁଭୂତିକୁ ପ୍ରକାଶ କରିବାପାଇଁ ନିମ୍ନୋକ୍ତ କେଉଁ ଶବ୍ଦଟି ବ୍ୟବହାର କରାଯାଇଥାଏ ?

(A) ପାଠ୍ୟକ୍ରମ (B) ବିଷୟବସ୍ତୁ

(C) ପାଠଟୀକା (D) ପାଠ୍ୟଖସଡା

25. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅନୁସୂଚିତ ଜାତି ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ସଂଶୋଧିତ ଜାତୀୟ ଶିକ୍ଷାନୀତି (୧୯୯୨) ରେ ଏକ କାର୍ଯ୍ୟପନ୍ଥା ଭାବେ ଗ୍ରହଣ କରାଯାଇ ନାହିଁ ?

(A) ସମସ୍ତ ଶିକ୍ଷା ସ୍ତରରେ ଅନୁସୂଚିତ ଜାତି/ଆଦିବାସୀ ଏବଂ ଅଣ ଅନୁସୂଚିତ ଜାତି/ଆଦିବାସୀଙ୍କ ଶିକ୍ଷା ବିକାଶରେ ସମାନତା ରକ୍ଷା କରିବା ।

(B) ବିଦ୍ୟାଳୟରେ ଶତ ପ୍ରତିଶତ ଅନୁସୂଚିତ ଜାତି/ଆଦିବାସୀ ପିଲାଙ୍କର ନାମ ଲେଖାଇବା ସୁନିଶ୍ଚିତ କରିବା ଓ ସଫଳତାର ସହ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା

(C) ଅନ୍ତତଃ ପକ୍ଷେ ଶତକଡ଼ା ୭୫ ଭାଗ ୧୧ ବର୍ଷରୁ ୧୪ ବର୍ଷ ବୟସର ପିଲା ବିଦ୍ୟାଳୟରେ ନାମ ପଞ୍ଜିକରଣ କରି ସଫଳତାର ସହ ଅଷ୍ଟମ ଶ୍ରେଣୀ ସମ୍ପୂର୍ଣ୍ଣ କରିବା

(D) ଅନ୍ତତଃ ପକ୍ଷେ ଶତକଡ଼ା ୭୫ ଭାଗ ପ୍ରାଥମିକ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିବା

23. The children having the problems in speech articulation are known as :

(A) Dyslexia (B) Dysgraphia

(C) Dysphasia (D) Appraxia

24. Which term is used to express the totality of the learning experiences that the pupil receives through manifold activities in the school ?

(A) Curriculum (B) Content

(C) Lesson Plan (D) Syllabus

25. Which of the following is not a strategy being recommended by the Programme of Action, 1992 (P.O.A., 1992) for the education of the SC/ST children ?

(A) Equalisation of the educational development of the SC/ST with that of the non-SC/ST.

(B) Ensuring the cent percent enrolment of SC/ST children in the school leading to satisfactory completion at the primary stage of education.

(C) At least 75 percent of the children in the age group of 11-14 will have to be enrolled and retained in the school leading to satisfactory completion of class-VIII.

(D) At least 75 percent of the teachers working at the primary stage be trained.

26. ଏକ ଉତ୍ତମ ପରୀକ୍ଷଣରେ କେଉଁ ଗୁଣଟି ନଥାଏ ?
(A) ବୈଧତା
(B) ବିଶ୍ୱସନୀୟତା
(C) ବ୍ୟାବହାରିକତା
(D) ନମନୀୟତା

27. ନିମ୍ନୋକ୍ତ ପଦ୍ଧତିରେ କେଉଁଟି ଅନ୍ୟ ତିନୋଟି ପଦ୍ଧତିଠାରୁ ଭିନ୍ନ ?
(A) ଆଲୋଚ଼ନା କୈନ୍ଦ୍ରିକ
(B) ଶିକ୍ଷକ କୈନ୍ଦ୍ରିକ
(C) ଶିକ୍ଷାର୍ଥୀ କୈନ୍ଦ୍ରିକ
(D) ଶିକ୍ଷଣ କୈନ୍ଦ୍ରିକ

28. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିକ୍ଷାର୍ଥୀ କୈନ୍ଦ୍ରିକ ପଦ୍ଧତି ଅଟେ ?
(A) ଆଲୋଚ଼ନା
(B) ନିଦର୍ଶନ
(C) ବର୍ଣ୍ଣନା
(D) ପ୍ରକଳ୍ପ

29. ନିମ୍ନ ଲିଖିତ ମଧ୍ୟରୁ ଶିକ୍ଷାର୍ଥୀ କୈନ୍ଦ୍ରିକ ପାଠ୍ୟକ୍ରମରେ କାହାର ଗୁରୁତ୍ୱ ଅଧିକ ?
(A) ଶିକ୍ଷକ
(B) ଶିଶୁ
(C) ବିଷୟବସ୍ତୁ
(D) ପରିବେଶ

30. କେଉଁ ଗୁଡିକ କେବଳ ଦୃଶ୍ୟ ଉପକରଣ ଅଟନ୍ତି ?
(A) କଳାପଟା, ଚ଼ାର୍ଟ, ଫ୍ଲାସ କାର୍ଡ୍
(B) କଳାପଟା, ରେଡ଼ିଓ, ଟେଲିଭିଜନ
(C) କଳାପଟା, ରେଡ଼ିଓ, ଖବରକାଗଜ
(D) କଳାପଟା, ଟେପ୍‌ରେକଡର, ରେଖାଚିତ୍ର

26. Which quality is not found in a good test ?
(A) Validity
(B) Reliability
(C) Usability
(D) Flexibility

27. Which of the following approach is different from the other three ?
(A) Discussion Centred
(B) Teacher Centred
(C) Learner Centred
(D) Learning Centred

28. Which of the following method is learner-centred ?
(A) Discussion
(B) Demonstration
(C) Narration
(D) Project

29. Which of the following is most important in learner-centred curriculum ?
(A) Teacher
(B) Child
(C) Content
(D) Environment

30. Which of the following are only visual-aids ?
(A) Blackboard, Chart, Flash card
(B) Blackboard, Radio, T.V.
(C) Blackboard, Radio, Newspaper
(D) Blackboard, Tape recorder, Line diagram

## M.I.L. (ODIA)

31. ଭାଷା ଶିକ୍ଷା କ୍ଷେତ୍ରରେ କେଉଁ ଦକ୍ଷତାର ବିକାଶ ଘଟାଇବା ଅଧିକ ଜଟିଳ ?
   (A) ଶ୍ରବଣ (B) କଥନ
   (C) ପଠନ (D) ଲିଖନ

32. ଶିଶୁର କେଉଁ ଦକ୍ଷତାର ପୂର୍ଣ୍ଣତମ ବିକାଶ କରାଇବା ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ?
   (A) ଶ୍ରବଣ (B) ଲିଖନ
   (C) ପଠନ (D) କଥନ

33. ଦୁଇଟି ବିଭାଗରେ ଦିଆଯାଇଥିବା ଶବ୍ଦଗୁଡ଼ିକମଧ୍ୟରେ ସଂପର୍କ ସ୍ଥାପନ କରିବାକୁ କୁହାଯାଇଥିବା ପ୍ରଶ୍ନ କେଉଁ ପ୍ରକାରର ପ୍ରଶ୍ନ ?
   (A) ବର୍ଗୀକରଣ ମୂଳକ ପ୍ରଶ୍ନ
   (B) ମେଳକ ପ୍ରଶ୍ନ
   (C) ସତ୍ୟାସତ୍ୟ ପ୍ରଶ୍ନ
   (D) ଦୃଷ୍ଟାନ୍ତ ମୂଳକ ପ୍ରଶ୍ନ

34. କେଉଁ ପରୀକ୍ଷଣ ପାଠ୍ୟକ୍ରମ ସହିତ ନିବିଡ଼ଭାବେ ସଂପୃକ୍ତ ?
   (A) ସମନ୍ୱୟୀ (B) ପ୍ରବୀଣତା
   (C) ଉପଲବ୍ଧି (D) ପୋର୍ଟଫୋଲିଓ

35. 'ଆମ ହସ ଖେଳ' ବହିରେ କେଉଁ ଶିକ୍ଷାଦାନ ପଦ୍ଧତି ଅବଲମ୍ବନ କରାଯାଇଛି ?
   (A) ଶବ୍ଦକ୍ରମିକ ପଦ୍ଧତି
   (B) ଛବି ପ୍ରଣାଳୀ
   (C) ବର୍ଣ୍ଣାନୁକ୍ରମିକ ପଦ୍ଧତି
   (D) ଗଳ୍ପ ଗଠନ ପ୍ରଣାଳୀ

36. କେଉଁଟି ପଦ୍ୟ ଶିକ୍ଷାଦାନର ଉଦ୍ଦେଶ୍ୟ ନୁହେଁ ?
   (A) ଯୁକ୍ତି ଶକ୍ତିକୁ ଶାଣିତ କରାଇବା
   (B) ଆନନ୍ଦ ଉପଭୋଗ
   (C) କଳ୍ପନା ଶକ୍ତିର ବିକାଶ
   (D) ସୃଜନୀ ଶକ୍ତିର ବିକାଶ

37. ତାତ୍ତ୍ୱିକ ପଠନର ମୂଳଲକ୍ଷ୍ୟ କ'ଣ ?
   (A) ଆନନ୍ଦ ଉପଭୋଗ
   (B) ବୋଧଜ୍ଞାନ ହାସଲ କରିବା
   (C) ବିସ୍ତୃତ ପଠନ କରିବା
   (D) ବ୍ୟାପକ ପଠନ କରିବା

38. ବାକ୍ୟଶେଷରେ କେଉଁ ଚିହ୍ନଟି ବ୍ୟବହୃତ ହୁଏ ନାହିଁ ?
   (A) ପ୍ରଶ୍ନସୂଚକ (B) ପୂର୍ଣ୍ଣଛେଦ
   (C) ବିସ୍ମୟସୂଚକ (D) ହାଇଫେନ୍

39. କେଉଁଟି ବହୁଭାଷୀ ଶିକ୍ଷାର୍ଥୀ ମାନଙ୍କ ପାଇଁ ପ୍ରଯୁଜ୍ୟନୁହେଁ ?
   (A) ସେମାନଙ୍କର ଓଡ଼ିଆ ଭାଷା କଥନର ଦକ୍ଷତା କମ୍ ।
   (B) ସେମାନଙ୍କୁ ଶବ୍ଦକୁ ଶବ୍ଦ ପଢ଼ିବାପାଇଁ କଠିନ ପରିଶ୍ରମ କରିବାକୁ ପଡ଼େ ।
   (C) ସେମାନେ ନିର୍ଭୁଲ ଭାବେ ବାକ୍ୟ ଗଠନ କରିପାରନ୍ତି ।
   (D) ସେମାନଙ୍କର ଶବ୍ଦଭଣ୍ଡାର ସୀମିତ ।

40. ସୃଜନାତ୍ମକ ଲିଖନପାଇଁ କେଉଁଟି ଏକ ପ୍ରସ୍ତାବିତ କାର୍ଯ୍ୟନୁହେଁ ?
   (A) ଚିତ୍ର ଦେଖି ଗପଲିଖନ
   (B) ଗୋଟିଏ ନାମକୁ ନେଇ ଗଳ୍ପ ଲିଖନ
   (C) କେତୋଟି ଶବ୍ଦକୁ ନେଇ ଅନୁଚ୍ଛେଦ ଲିଖନ
   (D) କୌଣସି ଅନୁଚ୍ଛେଦକୁ ଦେଖି ଆଉଥରେ ଲେଖିବା

ନିର୍ଦ୍ଦେଶ : ଅନୁଚ୍ଛେଦଟି ପାଠ କରି ନଂ. 41 ରୁ ନଂ. 45 ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ବାଛ :

ମାତୃଭାଷା, ସଂସ୍କୃତି ଓ ଚଳଣି ମଣିଷ ଜୀବନର ବିଶେଷତ୍ୱ ଓ ମହତ୍ତ୍ୱ ପ୍ରତିପାଦନ କରିଥାଏ । ସୁତରାଂ ସଦାବେଳେ ସେ ଏଥିରୁ ଗୌରବର ସହିତ ବଞ୍ଚିବାର ଉପାଦାନ ସଂଗ୍ରହ କରେ ବୋଲି ଭାଷା, ସଂସ୍କୃତି ଓ ଚଳଣି ପ୍ରତି ତା'ର ମମତ୍ୱବୋଧ ଅସରନ୍ତି ଏବଂ ଏଥିରୁ ଜନ୍ମ ତା'ର ସ୍ୱାଭିମାନ । ଏହି ସ୍ୱାଭିମାନ ଜନ୍ମ ଦିଏ ଜାତୀୟତା ଏବଂ ଜାତୀୟତା ପରିପୁଷ୍ଟ କରେ ଜୀବନକୁ । ଏହି ଧାରା ପ୍ରବାହିତ ହେଉଥିବାଯାଏ ବ୍ୟକ୍ତିର ମୃତ୍ୟୁ ହେଲେ ମଧ୍ୟ ଜାତୀୟତା, ସଂସ୍କୃତି ବା ସ୍ୱାଭିମାନର ମୃତ୍ୟୁ ହୁଏ ନାହିଁ । ତାହା ସୀମା ଓ ସମୟର ବ୍ୟବଧାନ ଅତିକ୍ରମ କରି ଜୀବନକୁ ମହିମାନ୍ୱିତ କରୁଥାଏ ଦୀର୍ଘକାଳ ପର୍ଯ୍ୟନ୍ତ । ଯେଉଁଠାରେ ସମୟର ଆହ୍ୱାନକୁ ଚାହିଁ ସଂସ୍କୃତି, ସାହିତ୍ୟ ଓ ଚଳଣିର ସଂସ୍କାର ନହୁଏ ସେଠାରେ ସ୍ୱାଭିମାନ ସହିତ ଏହାର ମଧ୍ୟ ମୃତ୍ୟୁ ହୁଏ । ସଭ୍ୟତାର ଉଦୟ ଓ ଅସ୍ତ ଏହି ଉତ୍‌ଥାନ ଓ ପତନ ସହିତ ଜଡ଼ିତ । ସମୟର ମୁକାବିଲା କରିବାପାଇଁ ସଂସ୍କୃତି, ଜୀବନ ଦର୍ଶନ ଓ ଚଳଣିରେ ଯଦି ଉପାଦାନ ନଥାଏ ଏବଂ ଜୀବନକୁ ଉଦାର ଓ ଉଦ୍‌ଦୀପ୍ତକରିବାପାଇଁ ଯଦି ମଣିଷ ନିଜକୁ ସମୟର ଆହ୍ୱାନ ଅନୁସାରେ ପରିବର୍ତ୍ତନ ନକରେ ତେବେ ସଂସ୍କୃତି ସହିତ ସଭ୍ୟତା ଓ ଭାଷା ସହିତ ସାହିତ୍ୟର ମୃତ୍ୟୁ ହୁଏ । ଭାରତୀୟ ସଭ୍ୟତା ଯେଉଁ ଜୀବନ ଦର୍ଶନ, ସଂସ୍କୃତି, ଚଳଣି ଓ ପରମ୍ପରାକୁ ନେଇ ଗଢ଼ିଉଠିଛି, ତା'ର ଚେର ଏତେ ଭିତରକୁ ଯାଇଛି ଏବଂ ସାମୟିକ ଉତ୍‌ଥାନ ପତନକୁ ଆପଣେଇ ନେବାର ଶକ୍ତି ତା'ଠାରେ ଏତେ ପ୍ରଚୁର ପରିମାଣରେ ଅଛି ଯେ ଯୁଗ ଯୁଗ ବିତି ଯାଇଥିଲେ ମଧ୍ୟ ତାହାର ବିଲୟ ହୋଇନାହିଁ ।

41. ଭାଷା, ସଂସ୍କୃତି ଓ ଚଳଣିପ୍ରତି ମଣିଷର ମମତ୍ୱବୋଧରୁ କ'ଣ ଜନ୍ମ ନିଏ ?
   (A) ମାନବିକତା
   (B) ଉଦାରତା
   (C) ସ୍ୱାଭିମାନ
   (D) ଦେଶପ୍ରୀତି

42. ଜୀବନ କାହାଦ୍ୱାରା ପରିପୁଷ୍ଟ ହୁଏ ?
   (A) ଜାତୀୟତାଦ୍ୱାରା
   (B) ସଂସ୍କୃତି ଦ୍ୱାରା
   (C) ସାହିତ୍ୟ ଦ୍ୱାରା
   (D) ଧନ ସଂପଦ ଦ୍ୱାରା

43. ସଂସ୍କୃତି ସହିତ ସଭ୍ୟତା ଓ ଭାଷା ସହିତ ସାହିତ୍ୟର କେତେବେଳେ ମୃତ୍ୟୁହୁଏ ?
   (A) ଜୀବନ ଦର୍ଶନ ଓ ଚଳଣିରେ ଯଦି ଉପାଦାନ ନ ଥାଏ ।
   (B) ସଭ୍ୟତା ଓ ସଂସ୍କୃତିକୁ ଆପଣେଇ ନେବାର ସାମର୍ଥ୍ୟ ନ ଥିଲେ ।
   (C) ସମୟକୁ ଚାହିଁ ସଂସ୍କୃତି, ସମାଜ ଓ ଚଳଣିର ପରିବର୍ତ୍ତନ ନ ହେଲେ ।
   (D) ଜାତୀୟତା ଜୀବନକୁ ପରିପୁଷ୍ଟ ନକଲେ ।

44. କେଉଁଥିରୁ ମଣିଷ ଗୌରବର ସହ ବଞ୍ଚିବାର ଉପାଦାନ ସଂଗ୍ରହ କରେ ?
   (A) ସଭ୍ୟତାରୁ
   (B) ସ୍ୱାଭିମାନରୁ
   (C) ସମାଜରୁ
   (D) ମାତୃଭାଷା, ସଂସ୍କୃତି ଓ ଚଳଣିରୁ

45. ସାମୟିକ ଉତ୍‌ଥାନ ପତନକୁ ଆପଣେଇ ନେବାର ପ୍ରଚୁର ଶକ୍ତିଯୋଗୁ ଭାରତୀୟ ସଭ୍ୟତାର କ'ଣ ହୋଇଛି ?

(A) ବିଲୟ ଘଟି ନାହିଁ ।

(B) ବିକାଶ ସାଧିତ ହୋଇଛି ।

(C) ଗୌରବର ଅଧିକାରୀ ହୋଇଛି ।

(D) ବିଶ୍ୱର ଆଦର୍ଶ ସ୍ଥାନୀୟ ହୋଇପାରିଛି ।

**ନିର୍ଦ୍ଦେଶ :** ନିମ୍ନ ପ୍ରଦତ୍ତ କବିତାଟି ପାଠକରି ନଂ. 46 ରୁ ନଂ. 50 ପର୍ଯ୍ୟନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଚୟନ କର ।

ଜଗତର ଶିଶୁ ଆସ ଆସ ମୋର କୋଳେ
ଆସ ଏ ବକ୍ଷେ ପୀରତି ସେନେହ ଭୋଳେ,
ଆସ ଆନନ୍ଦ ଆସରେ ଜୀବନ ଉଇଁ ।
ସୃଷ୍ଟିର ଉଷା ! ସକଳ ଜୀର୍ଣ୍ଣ
ହସି ହସି ଯାଅ ଛୁଇଁ ।
ସେ ହାସେ ବିକଶେ ସୃଷ୍ଟିର ଲୀଳା ପଦ୍ମ
ସେ ଭାରତୀ ଶୁଣି ମରଇ ମିଥ୍ୟା ଛଦ୍ମ,
ମରଣ ମରଇ ଅସ୍ଥିର ପଦପାତେ
ଜୀବନ ନିତ୍ୟ ମନ୍ତ୍ର ଅମର
ଗାଅ ମଙ୍ଗଳ ପ୍ରାତେ ।
ଦର୍ଶନେ ରୂପ ମରେ ମୋର ହାହାକାର,
ମୃତ୍ୟୁ ଗୁହାରୁ ସକଳ ଜୀବନ ସାର —
ଅମୃତ ଗୀତ ଅବାରିତେ ପଡ଼େ ଝରି,
ମନେ ଭାଳେ ଆହା ନିତ୍ୟାନନ୍ଦେ
ଆଜି ଯାଏଁ ହେଲେ ମରି ।
ଆସରେ ବକ୍ଷେ ସକଳ–ଜୀବନ–ଆଶା
ଆସ ମୋ ଜୀର୍ଣ୍ଣ–କାବ୍ୟ–ଆଲୋକ ଉଷା
ଛିନ୍ନ ସେ ତାର ସେ ପରଶେ ଯାଉ ଯୋଡ଼ି
ସବୁ ବନ୍ଧନ ମରଣର ଭୟ
ଅବହେଳେ ଯାଉ ଖୋଲି ।

46. ସକଳ ଜୀର୍ଣ୍ଣ ହସି ହସି ଛୁଇଁଯିବାକୁ କବି କାହାକୁ ଆହ୍ୱାନ ଦେଇଛନ୍ତି ?

(A) ଉଷାକୁ

(B) ଆନନ୍ଦକୁ

(C) ସ୍ନେହ ପ୍ରୀତିକୁ

(D) ଶିଶୁ ମାନଙ୍କୁ

47. ଶିଶୁର ହସରେ କବି କ'ଣ ଦେଖିଛନ୍ତି ?

(A) ଲୀଳାପଦ୍ମ

(B) ଆନନ୍ଦ

(C) ସୃଷ୍ଟିର ସୌନ୍ଦର୍ଯ୍ୟ

(D) ନିଷ୍କପଟତା

48. ଶିଶୁର ଅସ୍ଥିର ପଦପାତ କ'ଣ କରେ ?

(A) ମରଣକୁ ମାରେ

(B) ଜୀବନର ବନ୍ଦନା କରେ

(C) ଆନନ୍ଦ ପ୍ରଦାନ କରେ

(D) ଭବିଷ୍ୟତର ଆବାହନୀ ଗାଏ

49. ଶିଶୁର ରୂପ ଦର୍ଶନରେ କବିଙ୍କର କ'ଣ ଦୂର ହୁଏ ?

(A) ଦୁଃଖ (B) ହାହାକାର

(C) ଯନ୍ତ୍ରଣା (D) ଅମଙ୍ଗଳ

50. କିପରି କବିଙ୍କର ମରଣଭୟ ଦୂର ହୋଇ ପାରିବ ?

(A) ଶିଶୁକୁ ବକ୍ଷରେ ଧାରଣ କଲେ ।

(B) କାବ୍ୟତାରାର କ୍ଷୀଣ ଆଲୋକ ଦେଖିଲେ ।

(C) ଶିଶୁ ମାନଙ୍କର ଚପଳତା ଦେଖିଲେ ।

(D) କବିଙ୍କର ସକଳ ଆଶା ପୂରଣ ହେଲେ ।

51. 'ବିଶ୍ରାମ' – ଏହା କେଉଁ ପ୍ରକାରର ପଦ ?

(A) ସର୍ବନାମ (B) ବିଶେଷ୍ୟ

(C) ବିଶେଷଣ (D) କ୍ରିୟା

52. କେଉଁଟି ଜଳ ଶବ୍ଦର ପ୍ରତିଶବ୍ଦ ନୁହେଁ ?

(A) ତୋୟ (B) ଉଦକ

(C) ସଲୀଳ (D) ଅମ୍ବୁ

53. 'ଲୁହା ଜାଣି ପାଣି ଦେବା' ରୂଢ଼ିର ଅର୍ଥ କ'ଣ ?

(A) ଅନିଷ୍ଟକରିବା

(B) କଠିନ ପରିଶ୍ରମ କରିବା

(C) ଗୁରୁତ୍ୱ ଉପଲବ୍ଧି ନକରିବା

(D) ବ୍ୟବହାର ଅନୁସାରେ ବ୍ୟବହାର କରିବା

54. 'ଗଲାଣି ତ ଗଲା କଥାରେ ସଙ୍ଗାତ' ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ଆଳଙ୍କାରିକ

(B) ସମ୍ବୋଧନ ସୂଚକ

(C) ସମ୍ମତି ସୂଚକ

(D) ଭାବ ବାଚକ

55. 'ନି' ଉପସର୍ଗ ଯୋଗରେ ଗଠିତ ଶବ୍ଦଟିକୁ ଚିହ୍ନାଅ ।

(A) ନିଶ୍ଚଳ (B) ନିଗ୍ରହ

(C) ନିରନ୍ନ (D) ନିରଳସ

56. 'ଅସ୍ତ ବ୍ୟସ୍ତ କରିପକାଇବା' ଅର୍ଥ ପ୍ରକାଶ କରୁଥିବା ରୂଢ଼ିକୁ ଚିହ୍ନାଅ ।

(A) ମନ ଘର ଧରିବା

(B) ଘରବୁଡ଼ି ପାଣି ଆଣ୍ଠୁଏ

(C) ଠେକିଏ ପାଣି ପିଆଇବା

(D) ତିନି ପାଞ୍ଚିରୁ ଯିବା

57. କେଉଁଟି ରାଧାନାଥଙ୍କ ରଚିତ ଖଣ୍ଡ କାବ୍ୟ ?

(A) ଚିଲିକା (B) ମହାଯାତ୍ରା

(C) ଦରବାର (D) ଚନ୍ଦ୍ରଭାଗା

58. କେଉଁଟି 'କରଣୀୟ' ଶବ୍ଦର ପ୍ରକୃତି ପ୍ରତ୍ୟୟ ?

(A) କୃ + ଅନୀୟ

(B) କୃ + ଅଣୀୟ

(C) କର୍ + ଅଣୀୟ

(D) କରଣ + ଈୟ

59. କେଉଁ ଶବ୍ଦଟି ତଦ୍ଧିତ ପ୍ରତ୍ୟୟ 'ଅ' ଯୋଗରେ ଗଠିତ ହୋଇନାହିଁ ?

(A) ବୈଷ୍ଣବ (B) ଅର୍ଣ୍ଣବ

(C) ଆର୍ଜବ (D) ଗୌରବ

60. 'ମୃତକ' ଶବ୍ଦର ବିପରୀତାର୍ଥ ବୋଧକ ଶବ୍ଦଟି କ'ଣ ?

(A) ଜୀବକ (B) ଜାତକ

(C) ସୁତକ (D) ଜୀବିତ

## ENGLISH

61. The technique which basically involves encouraging students to prepare for the lesson before taking the class is ________.
   (A) Gamification
   (B) Self-learning
   (C) Flipped class room
   (D) Discussion method

62. Understanding level of teaching includes ________.
   i. Memory
   ii. Aptitude
   iii. Insight
   iv. Creativity
   (A) i & ii (B) ii & iii
   (C) i & iii (D) ii & iv

63. In the 'Developmental stages of Reading', the stage, where the child becomes aware of the ways in which letters are combined leading to distinct sounds, is referred to as
   (A) Pictorial stage
   (B) Orthographic stage
   (C) Symbolic stage
   (D) Blending stage

64. In a language class-room if a teacher is merely pointing out the similarities and dissimilarities between common and proper nouns, his/her teaching is at ________.
   (A) Memory level
   (B) Reflective level
   (C) Understanding level
   (D) Autonomous development level

65. A school gives preference to girls while preparing students for a state-level solo-song competition. This reflects ______.
   (A) Gender bias
   (B) Pragmatic approach
   (C) Global trends
   (D) Progressive thinking

66. Learners display individual differences and therefore a teacher should ________.
   (A) increase number of tests.
   (B) enforce strict discipline.
   (C) insist on uniform pace of learning.
   (D) provide a variety of learning experiences.

67. Pick out the grammatically correct sentence :
   (A) If I am the P.M., I will change the education system.
   (B) If I was the P.M., I would change the education system.
   (C) If I were the P.M., I would change the education system.
   (D) If I was the P.M., I would have changed the education system.

68. Find the correct expression from among the following :
   (A) Let's take a break, will we ?
   (B) Let's take a break, do we ?
   (C) Let's take a break, can't we ?
   (D) Let's take a break, shall we ?

69. Identify the grammatically acceptable sentence :
(A) He goes to office everyday by bus.
(B) He goes to office by bus everyday.
(C) He goes everyday to office by bus.
(D) He goes by bus everyday to office.

70. The fruit I like <u>most</u> is mango. The underlined word is a/an ________.
(A) adverb (B) adjective
(C) noun (D) pronoun

71. By the time we reached the airport, the flight ________ off.
(A) left
(B) was leaving
(C) had left
(D) had been leaving

72. Many a pearl ________ a necklace.
(A) makes
(B) make
(C) are making
(D) have made

73. ________ Japanese are ________ industrious people. The correct articles to be used in the blanks are
(A) The, the (B) The, a
(C) The, an (D) A, the

74. Which is the correctly spelt word ?
(A) Defenation (B) Definition
(C) Difenation (D) Dafinition

75. Identify the grammatically correct sentence among the following sentences :
(A) Never I talk while eating.
(B) Never I do talk while eating.
(C) Do never I talk while eating.
(D) Never do I talk while eating.

76. Which of the following is a simple sentence ?
(A) He went to bed early, because he was very tired.
(B) He was so tired that he went to bed early.
(C) He went to bed early due to tired-ness.
(D) He was very tired, so he went to bed early.

**Instruction** : Read the verse passage carefully and answer the questions from **77** to **81** :

It pains her to see
Animals suffering and hurt,
She carries a fur purse,
To match her leather shirt,
She wastes paper
She has the guts,
But, oh ! how she hates
Trees being cut.
Child labour
She condemns vehemently,
Why is then her little domestic maid
Never treated gently ?
Cruelty to animals
Makes her boo-hoo,
Her favourite outings
Are to circus and zoo.

77. The woman in the poem is a(n) ________.
(A) Social activist
(B) Environmentalist
(C) Wild-life lover
(D) Hypocrite

78. The professed compassion of the woman for animals is contradicted by her : ________.
(A) carrying a fur purse
(B) mal-treating her domestic maid
(C) wearing a leather skirt
(D) Both (A) and (C)

79. The statement "She hates trees being cut" is falsified by which of the following information ?
(A) She wears a leather skirt.
(B) She wastes paper.
(C) She condemns child labour.
(D) She has the guts.

80. Buying animals products ______.
(A) directly encourages hunting of wild-life.
(B) forces govt. to enact conservation laws.
(C) discourages hunting of wild-life.
(D) indirectly encourages hunting of wild-life.

81. Animals in circuses and zoos are treated
(A) insensitively
(B) ethically
(C) compassionately
(D) intolerantly

**Instruction :** Read the passage given below and answer the questions that follow : (Q. 82 to Q. 86)

Faith is a powerful medicine, which appears to have a powerful productive effect, for which experts offer several possible explanations.

Doing religious services guarantees contact with people. Social support is a well-documented key to health and longevity.

Faith gives a sense of hope and control that counteracts stress. Commitment to a system of beliefs enables people to better handle traumatic illness, suffering and loss.

Praying evokes beneficial changes in the body. When people pray, they experience the same decreases in blood pressure, metabolism, heart breathing rates as the famous "relaxation response" described by Herbert Benson, a famous Harvard Medical School doctor. Reciting the rosary, for example, involves the same steps as the relaxation response : repeating a word, prayer, phrase or sound and returning to the repetition when other thoughts intrude. While the "relaxation response" works regardless of the words used, Benson says those who use a religious phrase are more likely to benefit if they believe in God and utter the phrase with strong and sincere conviction.

82. Which of the following does not follow from the passage ?
(A) Saying prayers enhances the pace of metabolism.
(B) Reciting the rosary is an instance of the relaxation response.
(C) Performing rituals and religious practices ensures close social contact and interaction.
(D) "Relaxation Response" is effective no matter what words are used.

83. Which of the given words is best suited to fill in the blank in the sentence below ?

"Faith creates a sense of hope and control which is a/an ________ to stress."

(A) panacea

(B) antivenom

(C) antidote

(D) antivirus

84. Which of the following meanings best applies to the word "evokes" ?

(A) to bring into the mind

(B) to cause to happen

(C) to incite or instigate

(D) to counteract or nullify an effect

85. Repetition of a religious phrase is most beneficial for one who is ________.

(A) a theist

(B) an atheist

(C) an agnostic

(D) a nihilist

86. Which of the following is not a productive effect of 'Faith' as mentioned in the passage ?

(A) ensures long life

(B) ensures health and prosperity

(C) helps to cope with loss

(D) gives a sense of optimism

87. Which of the following is least important in teaching ?

(A) Lecturing in impressive ways.

(B) Maintaining discipline in the class.

(C) Punishing the students.

(D) Drawing sketches and diagrams on the blackboard if needed.

88. Which of the following level of teaching requires more active participation, more imaginative and creative thinking ?

(A) Memory level

(B) Reflective level

(C) Understanding level

(D) All levels

89. The main aim of teaching is : ________.

(A) to disseminate information to the learners.

(B) to help the learners in getting employment easily.

(C) to help the learners to pass their examinations.

(D) to help the learners to respond to their environment in an effective way.

90. Teaching at memory level is based on :

(A) S-R theory

(B) Field theory

(C) Gestalt theory

(D) Cognitive field theory

91. 'ଗାଣିତିକ ସମସ୍ୟା ସମାଧାନ ପାଇଁ ବିକଳ୍ପ ପଦ୍ଧତି ପ୍ରସ୍ତାବନା କରିବା' – ଗଣିତ ଶିକ୍ଷଣର କେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ଏକ ଉଦାହରଣ ଅଟେ ?

(A) ଜ୍ଞାନ

(B) ବୋଧ

(C) ବିଶ୍ଲେଷଣ

(D) ପ୍ରୟୋଗ

91. 'Suggest alternative methods for solving mathematical problem' is an example of which specific aim of mathematics learning ?

(A) Knowledge

(B) Understanding

(C) Analysis

(D) Application

92. "64 ର ଶତକଡା 70 କେତେ ?" – ଏହା କେଉଁ ପ୍ରକାର ପ୍ରଶ୍ନ ଅଟେ ?

(A) ନିର୍ଦ୍ଦିଷ୍ଟ ଉତ୍ତରମୂଳକ

(B) ସମାପନ

(C) ଦ୍ୱିବିକଳ୍ପ ଉତ୍ତର

(D) କ୍ଷୁଦ୍ର ଉତ୍ତରମୂଳକ

92. "What is the 70 percent of 64 ?" Which type of test item is it ?

(A) Specific answer type

(B) Completion

(C) Two choice answered

(D) Short answer type

93. ଜ୍ଞାନାତ୍ମକ ବିକାଶର କେଉଁ ପର୍ଯ୍ୟାୟରେ ଶିଶୁ ଉଚ୍ଚ ପ୍ରାଥମିକ ସ୍ତରରେ ନିଜର ଧାରଣାକୁ ଯୁକ୍ତି ମାଧ୍ୟମରେ ଉପସ୍ଥାପନ କରିବାକୁ ଚେଷ୍ଟା କରେ ?

(A) ସମ୍ବେଦୀକାରକ

(B) ପ୍ରାକ୍ ସଂକାର୍ଯ୍ୟ

(C) ସ୍ଥୂଳସଂକାର୍ଯ୍ୟ

(D) ଯଥାଯଥ ସଂକାର୍ଯ୍ୟ

93. In which period of cognitive development child try to present his/her ideas logically at the upper primary level ?

(A) Sensory motor

(B) Pre-operation

(C) Concrete operation

(D) Formal operation

ରଫ୍ କରିବା ସ୍ଥାନ/SPACE FOR ROUGH WORK

94. "................ ବିଜ୍ଞାନ ଓ ଶିଳ୍ପ ବିପ୍ଳବର ଏହି ଦୁନିଆରେ ଗଣିତ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର ।" – ଏହା ଗଣିତ ଶିକ୍ଷାପାଇଁ କାହା ପୁରୋଦୃଷ୍ଟି ଥିଲା ?

(A) ଜାତୀୟ ଶିକ୍ଷାନୀତି 1986

(B) ଜାତୀୟ ଶିକ୍ଷାନୀତି 1968

(C) ଜାତୀୟ ପାଠ୍ୟକ୍ରମ ଆଧାର 2005

(D) ଏଗୁଡିକୁ ମଧ୍ୟରୁ କୌଣସିଟି ନୁହେଁ

95. କଳାପଟାରେ ଗଣିତ କରୁଥିବା ସମୟରେ ଶିକ୍ଷକ କଳାପଟା ସହ କେଉଁ ପରିମାଣ କୋଣ ସୃଷ୍ଟି କରି ଠିଆ ହୋଇଥିବା ଆବଶ୍ୟକ ?

(A) 55°

(B) 65°

(C) 45°

(D) 35°

94. "................ in this world of Science and Industrial revolution, special attention should be given on mathematics." Whose vision was this for teaching of mathematics ?

(A) National Education Policy 1986

(B) National Education Policy 1968

(C) National Curriculum Framework 2005

(D) None of the above options.

95. At which angle a teacher must stand while explaining mathematics on black-board ?

(A) 55°

(B) 65°

(C) 45°

(D) 35°

ରଫ୍ କରିବା ସ୍ଥାନ/SPACE FOR ROUGH WORK

96. ପାଣି ମିଶା କ୍ଷୀରକୁ କ୍ଷୀରର କିଣାଦାମ୍‌ରେ ବିକିଲେ 25% ଲାଭ ହୁଏ । ତେବେ ପାଣି ମିଶା କ୍ଷୀରରେ, କ୍ଷୀର ଓ ପାଣିର ଅନୁପାତ କେତେ ?

(A) 3 : 2

(B) 2 : 3

(C) 5 : 1

(D) 4 : 1

